**ସଂକ୍ଷେପରେ**

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ବ୍ରହ୍ମପୁର ଅଫିସ୍,୩।୧**-ଧର୍ମପରାୟଣା ମହିଳା ସୁଲୋଚନା ଦାଶ(୭୪)ଙ୍କର ରବିବାର ରାତ୍ରି ପ୍ରାୟ ୯.୨୨ ମିନିଟ୍‌ରେ ବ୍ରହ୍ମପୁର ବ୍ୟାଙ୍କ କଲୋନୀସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ, ତିନି ଜ୍ୱାଇଁ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ପୁରୀଠାରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ସୁଲୋଚନା ବ୍ରହ୍ମପୁର ଧରିତ୍ରୀ ବିଜ୍ଞାପନ ବିଭାଗ କାର୍ଯ୍ୟ ନିର୍ବାହୀ ଶିବ ପ୍ରସାଦ ଦାଶଙ୍କ ମା'।

## ମହାନଗରରୁ ହଟାଗଲା ବିଭିନ୍ନ ଦଳର ହୋଡିଂ

**ବ୍ରହ୍ମପୁର ଅଫିସ,୩।୧**-ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ରେଶମ ନଗରୀରୁ ହୋଡିଂ ହଟାଅ ସ୍ୱତନ୍ତ୍ର ଅଭିଯାନ ରବିବାରରୁ ଆରମ୍ଭ ହୋଇଛି। ଆଗକୁ ପୌର ନିର୍ବାଚନ ଥିବାରୁ କର୍ପୋରେଟର ଓ ମେୟର ଆଶାୟୀ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ପକ୍ଷରୁ ବଡ଼ ବଡ଼ ହୋଡିଂ ଲଗାଯାଇଛି। ଅନ୍ୟପକ୍ଷରେ ସୋମବାର ଉଦଘାଟିତ ହେବାକୁ ଥିବା ରାମଲିଙ୍ଗେଶ୍ୱର ପୋଖରୀ ସୌନ୍ଦର୍ଯ୍ୟକରଣ ଯୋଜନା ଏବଂ ପ୍ରମୋଦ ପାର୍କ ଚତୁଃପାର୍ଶ୍ୱରୁ ପ୍ରଥମେ ହୋଡିଂ ଗୁଡ଼ିକ ଉଚ୍ଛେଦ କରାଯାଇଛି। ହୋଡିଂ ଗୁଡ଼ିକ କାହିଁକି ହଟାଇ ଦିଆଗଲା ତାହା ରାଜନୈତିକ ଚର୍ଚ୍ଚାର ପରିସରକୁ ଆସିଯାଇଛି। ରାମଲିଙ୍ଗେଶ୍ୱର ଜଳାଶୟ ନବୀକରଣ ଯୋଜନାର ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ନିର୍ବାଚିତ ଜନନେତାଙ୍କୁ ଗୁରୁତ୍ୱ ଦିଆଯାଇନାହିଁ। ଉଦଘାଟନୀ ଫଳକରେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ରହିଛି। ଯୋଜନାର ମୁଖ୍ୟ ପ୍ରବେଶ ପଥ ପାଖରେ ହେବାକୁ ଥିବା ଭର୍ଚୁଆଲ ସମାବେଶରେ ପ୍ରଥମେ ଜିଲାପାଳ ତଥା ବିଏମସି ପ୍ରଶାସକ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ନଗର ଉନ୍ନୟନ ବିଭାଗର ଅଧିକାରୀ ଏବଂ ଏମ୍‌ପି, ବିଧାୟକ ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ହଟାଯାଇଥିବା ହୋଡିଂ ଗୁଡ଼ିକ ବିଏମସି କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏହାକୁ ନେଇ ଶାସକ ଓ ବିରୋଧୀ ଦଳ କର୍ମୀ ଏବଂ ସମର୍ଥକଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷରେ ବିନାନୁମତିରେ ଏବଂ ବେନିୟମ ଭାବେ ଲଗାଯାଇଥିବାରୁ ହୋଡିଂ ଗୁଡ଼ିକ ହଟାଇ ଦିଆଯାଇଥିବା ବିଏମସି ପକ୍ଷରୁ କୁହାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବୁଗୁଡ଼ା,୩।୧(ଡି.ଏନ.ଏ.)**-ବୁଗୁଡ଼ା ଥାନା କୁଶପଲି ନିକଟ ବିଷୋୟୀ ବଂଜର ସ୍ଥିତ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ରବିବାର ସନ୍ଧ୍ୟାରେ ପୋଲିସ ଜବତ କରିଛି। ମୃତଦେହ ନିକଟରେ ଏକ ପରିବା ବୋଝେଇ ସାଇକଲ ରହିଥିବାରୁ ମୃତ ଯୁବକ ଜଣକ ବୁଲା ପରିବା ବିକାଳୀ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ପୋଲିସ ଏ ନେଇ ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଚିଠିରେ ଅଟକିଛି ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା

**ଛତ୍ରପୁର,୩।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସଦର ମହକୁମା ହୋଇଥିଲେ ବି ଛତ୍ରପୁର ଏନ୍‌ଏସିକୁ ଏଯାଏ ମ୍ୟୁନିସିପାଲିଟି ମାନ୍ୟତା ମିଳିପାରିନାହିଁ। ମାନ୍ୟତା କେବଳ ଚିଠିପତ୍ରରେ ଅଟକି ରହିଛି। ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବାକୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ମାତ୍ର ସରକାର ଦାବି ପୂରଣ କରିବାକୁ ଆଗେଇ ଆସୁନାହାନ୍ତି।

୧୯୫୫ ମସିହାରେ ଛତ୍ରପୁର ଏନ୍‌ଏସି ଗଠନ ହୋଇଥିଲା। ୨୦୧୧ ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୨୨ ହଜାର ୨୭ ଥିଲା। ମ୍ୟୁନିସିପାଲିଟି ପାଇଁ ଜନସଂଖ୍ୟା ୨୫ ହଜାରରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ, ଯାହାକି ନିକଟବର୍ତ୍ତୀ ପଞ୍ଚାୟତର କେତୋଟି ଗାଁକୁ ଏନ୍‌ଏସିରେ ସାମିଲ କଲେ ଏହି ସଂଖ୍ୟା ହୋଇଯାଉଛି। ଜିଲାର ଛତ୍ରପୁର, ଭଞ୍ଜନଗର ଓ ଆସିକା ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବାକୁ ହାଇକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ହାଇକୋର୍ଟ ପିଟିଶନର ଶୁଣାଣି କରି ଏହା ଉପରେ ୩ମାସ ମଧ୍ୟରେ ପଦକ୍ଷେପ ନେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ବିସ୍ତୃତ ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଏକ ଚିଠି ଆସିଥିଲା। ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ କେଉଁ ସବୁ ଗାଁ ଓ ପଡ଼ା ମିଶିବ, ଜନସଂଖ୍ୟା କେତେ ଏବଂ ମ୍ୟୁନିସିପାଲିଟି ହେଲେ ଉକ୍ତ ଅଞ୍ଚଳକୁ ସୁବିଧା ଯୋଗାଇ ଦିଆଯାଇପାରିବ କି ନାହିଁ ସେ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଥିଲା। ପରେ ଛତ୍ରପୁର, ଆସିକା ଓ ଭଞ୍ଜନଗର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ରିପୋର୍ଟ ମାଗିଥିଲେ। ଦୀର୍ଘଦିନ ଧରି କାର୍ଯ୍ୟାଳୟରେ ଚିଠି ପଡ଼ି ରହିବା ପରେ ଛତ୍ରପୁର ଏନ୍‌ଏସି କର୍ତ୍ତୃପକ୍ଷ ତଥ୍ୟ ସଂଗ୍ରହ କରି ଜିଲାପାଳଙ୍କୁ ପଠାଇଥିଲେ। ଜିଲାପାଳ ମଧ୍ୟ ଉକ୍ତ ତଥ୍ୟ ସମ୍ବନ୍ଧୀୟ ଫାଇଲ୍ ରାଜ୍ୟ ସରକାରଙ୍କୁ ପଠାଇଥିଲେ। ମାତ୍ର ଦୀର୍ଘ ମାସ ପରେ ବି ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡ଼ିଛି। ଛତ୍ରପୁର ଏନ୍‌ଏସି ନିକଟବର୍ତ୍ତୀ ୪ ପଞ୍ଚାୟତ ଟିକଲଖଣ୍ଡି, ଅଗସ୍ତି ନୂଆଗାଁ, କଣମଣା ଓ ପୋଡ଼ାପଦରର କେତେକ ଗାଁକୁ ଏନ୍‌ଏସିରେ ମିଶ୍ରଣ କରି ମ୍ୟୁନିସିପାଲିଟି କରିବା ପାଇଁ ଯୋଜନା ହୋଇଥିଲା। କଣମଣା ପଞ୍ଚାୟତ ଅଧୀନ ପୁରୁଣା ଛତ୍ରପୁର, ଅଗସ୍ତି ନୂଆଗାଁ ପଞ୍ଚାୟତ ଅଧୀନ ଜିଏନ୍ ପାଲମ, ପୋଡ଼ାପଦର ପଞ୍ଚାୟତର କୁମାରବେଗପଲ୍ଲୀ ଏବଂ ଟିକଲଖଣ୍ଡି ପଞ୍ଚାୟତ ଅଧୀନ ବାସନାପଲ୍ଲୀ ଗାଁକୁ ମିଶ୍ରଣ ପାଇଁ ଉକ୍ତ ପଞ୍ଚାୟତକୁ ଛତ୍ରପୁର ଏନ୍‌ଏସି କର୍ତ୍ତୃପକ୍ଷ ଚିଠି କରିଥିଲେ। ଟିକଲଖଣ୍ଡି ପଞ୍ଚାୟତ ଏନ୍‌ଏସିରେ ମିଶିବାକୁ ରାଜି ହୋଇ ନ ଥିବାବେଳେ ପୋଡ଼ାପଦର ପଞ୍ଚାୟତ ପକ୍ଷରୁ କୌଣସି ଉତ୍ତର ଆସି ନ ଥିଲା। ଅନ୍ୟପକ୍ଷରେ ଅଗସ୍ତି ନୂଆଗାଁ ପଞ୍ଚାୟତର ଜିଏନ୍ ପାଲମ ଓ କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର ମିଶ୍ରଣ ପାଇଁ ପଞ୍ଚାୟତ ପକ୍ଷରୁ ଏନ୍‌ଏସି କର୍ତ୍ତୃପକ୍ଷ ସମ୍ମତିପତ୍ର ଦେଇଥିଲେ। ୨୦୧୧ ଜନଗଣନାରେ ଜିଏନ୍ ପାଲମର ଜନସଂଖ୍ୟା ୧୯୫୪ ଓ ପୁରୁଣା ଛତ୍ରପୁରର ଜନସଂଖ୍ୟା ୨୮୪୫ ରହିଥିଲା। ଏହିସବୁ ଜନସଂଖ୍ୟାକୁ ମିଶାଇଲେ ଏନ୍‌ଏସି ଜନସଂଖ୍ୟା ୨୬ ହଜାରରୁ ଉର୍ଦ୍ଧ୍ୱ ହେବ। ତେଣୁ ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବାକୁ ସାଧାରଣରେ ଦାବି ହେଉଛି।

# ତାରାତାରିଣୀ ଦର୍ଶନ କଲେ ୩ ହଜାର ଶ୍ରଦ୍ଧାଳୁ



ଫୁଲରେ ସଜା ଯାଇଛି ମନ୍ଦିର।

**ପୁରୁଷୋତ୍ତମପୁର,୩।୧(ଡି.ଏନ୍.ଏ.)**

**୯ ମାସ ପରେ ଖୋଲିଲା ମନ୍ଦିର**

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିର ରବିବାରଠାରୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲିଛି। କରୋନା ମହାମାରୀ ଲାଗି ଗତ ମାର୍ଚ୍ଚ ୧୬ରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ କଟକଣା ଲାଗିଥିଲା। ତେବେ ସ୍ଥିତିରେ ସୁଧାର ଆସିଥିବାରୁ ଜିଲା ପ୍ରଶାସନର ଗାଇଡ୍‌ଲାଇନ୍ ପ୍ରକାରେ ମା'ଙ୍କ ଦର୍ଶନ ଆରମ୍ଭ ହୋଇଛି। ଭୋର ସାଢ଼େ ୪ଟାରେ ମଙ୍ଗଳ ଆଳତି ଓ ପାରମ୍ପରିକ ପୂଜାର୍ଚ୍ଚନା ପରେ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇ ପହିଲି ଭୋଗ ଲାଗିଥିଲା। ସକାଳ ୬.୧୫ରେ ସର୍ବସାଧାରଣଙ୍କ ନିମନ୍ତେ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ମନ୍ଦିର ଖୋଲାଯିବା ବେଳେ ଅତିରିକ୍ତ ଜିଲାପାଳ ଅମିୟ କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ, ବିଡିଓ ବିଜୟ କୁମାର ବେହେରା, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀ, ଥାନାଧିକାରୀ ଜଗନ୍ନାଥ ମଲ୍ଲିକ, ସେବାୟତ ସଂଘ ସଭାପତି ତପନ କୁମାର ରଣା ଓ ବାପୁଜୀ ରଣା ଉପସ୍ଥିତ ରହିଥିଲେ। ଗର୍ଭଗୃହକୁ ପ୍ରବେଶ ନିମନ୍ତେ ବାରଣ କରାଯାଇଥିବାରୁ ଭକ୍ତମାନେ ଜଗନମୋହନଠାରେ ରହି ମା'ଙ୍କୁ ଦର୍ଶନ କରିଥିଲେ। ପ୍ରଥମ ଦିନ ୩ ହଜାର ଭକ୍ତ ଦର୍ଶନ କରିଥିବା ମନ୍ଦିର ନିର୍ବାହୀ ଅଧିକାରୀ ରେଡ୍ଡୀ ସୂଚନା ଦେଇଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନେ ଦୀର୍ଘଦିନ ପରେ ମା'ଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇ ପଡୁଥିବା ଦେଖାଯାଇଥିଲା। ପାହାଡ଼ ପାଦଦେଶରୁ ମନ୍ଦିର ନିକଟକୁ ଯିବା ନିମନ୍ତେ ପ୍ରଶାସନ ପକ୍ଷରୁ ୨ଟି ବସ୍ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ଘରୋଇ ବିଦ୍ୟାଳୟ ଶିକ୍ଷକ, କର୍ତ୍ତୃପକ୍ଷ ବୈଠକ




ବାର୍ଷିକ ବୈଠକରେ ଉପସ୍ଥିତ ଥିବା ଅତିଥି ଓ ସଂଘ କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ୍,୩।୧**

ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘ ପକ୍ଷରୁ ରବିବାର ଗୁଡସ୍‌ଶେଡ୍ ରୋଡ଼ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ୍ ଶିକ୍ଷାନୁଷ୍ଠାନ ପରିସରରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ରାଜ୍ୟ ସଭାପତି ରଘୁନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ ପଢାରେ ସଂରକ୍ଷଣ ବ୍ୟବସ୍ଥା ନେଇ ଡିସେମ୍ବର ୨୮ରେ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ବାବଦରେ ସଂଘ ପକ୍ଷରୁ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଏ ନେଇ ସଂଘ ପକ୍ଷରୁ ଏକ କମିଟି ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ସ୍ଥିର କରାଯିବ ବୋଲି ବିଧାୟକ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମୁଖ୍ୟବକ୍ତା ଭାବେ ଜିଲା ବିଜେଡି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସମ୍ମାନିତ ଅତିଥି ସୋରଡ଼ାର ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, କବିସୂର୍ଯ୍ୟନଗର ଭାଜପା ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ପଲାଇ, ସଂଘ ଉପସଭାପତି ରାଜ କିଶୋର ପାଢୀଙ୍କ ସମେତ ଅରୁଣ କୁମାର ଷଡ଼ଙ୍ଗୀ, ଲକ୍ଷ୍ମଣ ରାଓ ଆଚାରୀ ଓ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ସଂଘ ସାଧାରଣ ସମ୍ପାଦକ ଅମରେଶ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ବେହେରା ଓ ପ୍ରଜ୍ଞା ପ୍ରସାଦ ଦାଶ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରଜନଗର ଉନ୍ନୟନ ପରିଷଦ ବୈଠକ

**ବ୍ରହ୍ମପୁର ଅଫିସ୍,୩।୧**

ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ନବ ବର୍ଷ ଉପଲକ୍ଷେ ଏକ ବୈଠକ ବ୍ରଜନଗରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ଡା.ଶିବ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ରଜନଗରର ସମସ୍ତ ତିନୋଟି ଗଳିରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ସମସ୍ତ ରାସ୍ତାର ତୁରନ୍ତ ନିର୍ମାଣ, ବ୍ରଜନଗରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୋଷ୍ଟ ଓ ଫାଣ୍ଡି ପ୍ରତିଷ୍ଠା, ଡ୍ରେନ୍ ସଫା ସହ ଡ୍ରେନେଜ୍ ନିର୍ମାଣ, ରେଡ଼ିଓ ଷ୍ଟେଶନ୍ ଓ ଦୂରଦର୍ଶନ ଷ୍ଟେଶନଠାରୁ ଧୋବା ନାଳ ପର୍ଯ୍ୟନ୍ତ ନିର୍ମାଣାଧୀନ ନାଳ ଓ ରାସ୍ତା କାର୍ଯ୍ୟ ତୁରନ୍ତ ସାରିବା ପାଇଁ ପରିଷଦ ପକ୍ଷରୁ ଦାବି ହୋଇଛି। ଏଥିସହ ବ୍ରଜନଗର ଦ୍ୱିତୀୟ ଗଳିରୁ ଉପ ଗଳିକୁ ତୁରନ୍ତ ଜାନିବିଲି ପାଇପ୍ ଲାଇନ୍ ସଂଯୋଗ, ଲୋଚାପଡ଼ା ପଞ୍ଚାୟତକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନେଇ ପରିଷଦ ପକ୍ଷରୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ, ଉପଦେଷ୍ଟା ସୁଦର୍ଶନ ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, କୃଷ୍ଣ ଚନ୍ଦ୍ର ମିଶ୍ର ଓ ସୁବାସ ସେଠୀଙ୍କ ସମେତ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସମସ୍ୟା ନେଇ କଲୋନୀବାସିନ୍ଦାଙ୍କ ବୈଠକ

**ଛତ୍ରପୁର,୩।୧(ଡି.ଏନ୍.ଏ.)**

ଛତ୍ରପୁର ଏନ୍‌ଏସି ଅଧୀନ ପଟ୍ଟନାୟକ କଲୋନୀବାସିନ୍ଦାଙ୍କର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିର ସୁବିଧା ଅସୁବିଧା ଉପରେ ଆଲୋଚନା ହୋଇଥିଲା। ବିଶେଷକରି କଲୋନୀରେ ଡ୍ରେନ୍ ଓ ରାସ୍ତା ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଥିଲା। କଲୋନୀର କିଭଳି ସର୍ବାଙ୍ଗୀନ ଉନ୍ନତି ହେବ, ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଣିକି ନିୟମିତ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ପଟ୍ଟନାୟକ କଲୋନୀ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ପ୍ରଫୁଲ୍ଲ କୁମାର ପଟ୍ଟନାୟକ ସଭାପତି, ବିଘ୍ନେଶ୍ୱର ରଥ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

# ଦଳୀୟ ବ୍ୟାନରରେ ବାଚସ୍ପତିଙ୍କ ଫଟୋ




ଦିଗପହଣ୍ଡି ବଜାର ଗାନ୍ଧୀ ଛକଠାରେ ଲାଗିଥିବା ବ୍ୟାନର।

**ଦିଗପହଣ୍ଡି,୩।୧(ଡି.ଏନ.ଏ.)**

**ନିନ୍ଦା କଲା ଭାଜପା, ରାଜ୍ୟପାଳଙ୍କୁ ସ୍ମାରକପତ୍ର**

ଦିଗପହଣ୍ଡି ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳର ଛକରେ ନୂଆବର୍ଷ ଉପଲକ୍ଷେ ବିଜେଡି ପକ୍ଷରୁ ଲାଗିଥିବା ଦଳୀୟ ବ୍ୟାନରରେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଫଟୋ ଥିବା ଦେଖିବାକୁ ମିଳିଛି। ଏହାକୁ ରବିବାର ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏ ନେଇ ରାଜ୍ୟପାଳ ଗଣେଶୀ ଲାଲଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟପାଳ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହନ୍ତ ଚିନ୍ମୟାନନ୍ଦ ଦାସ, ଜିଲା କମିଟି ଉପସଭାପତି ପରେଶ ଚନ୍ଦ୍ର ରଥ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ପାଢ଼ୀ, ଦିଗପହଣ୍ଡି ନଗର କମିଟି ସଭାପତି ଭବାନୀ ଶଙ୍କର ପଣ୍ଡା, ବାବୁଲା ବିଷୋୟୀ ପ୍ରମୁଖ ଦଳୀୟ ନେତା କହିବା ପ୍ରକାରେ, ରାଜ୍ୟ ବିଧାନସଭାର ବାଚସ୍ପତିଙ୍କ ଭଳି ଜଣେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କ ଫଟୋ ପ୍ରୋଟୋକଲ ଦୃଷ୍ଟିରୁ କୌଣସି ଦଳୀୟ ଚିହ୍ନ କିମ୍ବା ଦଳୀୟ ବାର୍ତ୍ତା, ବ୍ୟାନର ଗୁଡ଼ିକରେ ସ୍ଥାନିତ କରାଯିବା ଜନ ପ୍ରତିନିଧି ଆଇନର ବିରୁଦ୍ଧାଚରଣ କରୁଛି। ବିଜେଡିର ନିର୍ବାଚନ ସଙ୍କେତ ଏବଂ ଦଳୀୟ ଚିହ୍ନ ଶଙ୍ଖକୁ ସ୍ଥାନିତ କରି ଦଳୀୟ ବ୍ୟାନରରେ ବାଚସ୍ପତିଙ୍କ ଫଟୋ ଲଗାଯିବା ଏକ ଅମର୍ଯ୍ୟାଦା କାର୍ଯ୍ୟ ଏବଂ ଆଇନ ବିରୋଧୀ ବୋଲି ସହରର ବହୁ ବୁଦ୍ଧିଜୀବୀ, ଓକିଲ, ସଚେତନ ଜନସାଧାରଣଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଦଳୀୟ ନେତୃବୃନ୍ଦ ଏହାକୁ ତୀବ୍ର ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ଦଳୀୟ ବ୍ୟାନରରେ ଫୋଟ ଲାଗିଥିବା ନେଇ ତାଙ୍କ ନିକଟରେ କୌଣସି ଖବର ନ ଥିବା ବାଚସ୍ପତି ପ୍ରତିକ୍ରିୟାରେ କହିଛନ୍ତି।

# ସୈନିକ ବୋର୍ଡ ସମ୍ପାଦକ ପଦ ପୂରଣ ଦାବି

**ବ୍ରହ୍ମପୁର ଅଫିସ୍,୩।୧**




ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା।

**ଅବସରପ୍ରାପ୍ତ ସୈନିକ ସଂଘ ଖବରଦାତା ସମ୍ମିଳନୀ**

ରାଜ୍ୟ ଅବସରପ୍ରାପ୍ତ ସୈନିକ ସଂଘ, ଗଞ୍ଜାମ ଜିଲା ଶାଖା ପକ୍ଷରୁ ରବିବାର ସ୍ଥାନୀୟ ଏସ୍‌ଏମ୍‌ଆଇଟି ଶିକ୍ଷାନୁଷ୍ଠାନ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରରେ ଅବସରପ୍ରାପ୍ତ ସୈନିକ ଓ ତାଙ୍କ ପରିବାରକୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା, ଜିଲା ସୈନିକ ବୋର୍ଡରେ ସମ୍ପାଦକ ପଦବୀ ପୂରଣ, ବ୍ରହ୍ମପୁରରେ ଯୁଦ୍ଧ ସ୍ମାରକୀ ସ୍ଥାପନ ଓ ଲିଗ୍ କାର୍ଯ୍ୟାଳୟ ଖୋଲିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ଇସିଏଚ୍‌ଏସ୍ କୋଠା ନିର୍ମାଣ କରିବା ପାଇଁ ଅଗ୍ରାଧିକାର, ବ୍ରହ୍ମପୁରରେ କ୍ୟାଣ୍ଟିନ୍ ସ୍ଥାପନ କରିବା, ବିଭିନ୍ନ ସମୟରେ ସୈନ୍ୟ ଅଧିକାରୀଙ୍କ ରାଲି ଓ ମେଡିକାଲ ରାଲି ପାଇଁ ସହଯୋଗ ଏବଂ ଗୋଳାବନ୍ଧସ୍ଥିତ ଆର୍ମି କ୍ୟାଣ୍ଟେନ୍‌ମେଣ୍ଟରେ ଅବସରପ୍ରାପ୍ତ ସୈନିକ ସେଲ୍ ଖୋଲିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ଏହି ସଂଘ ଅଧୀନରେ ଭଞ୍ଜନଗର, ସୋରଡ଼ା, ବୁଗୁଡ଼ା, କମଳାପୁର ଓ କବିସୂର୍ଯ୍ୟନଗର ଆଞ୍ଚଳିକ ଶାଖା କାର୍ଯ୍ୟ କରୁଛି। କିନ୍ତୁ ସଂଘ ପକ୍ଷରୁ ଉପରୋକ୍ତ ଦାବି ସମୂହକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରଯାଉ ନ ଥିବା ଅଭିଯୋଗ କରାଯାଇଛି। ସମ୍ମିଳନୀରେ ସଂଘ ସଭାପତି ଟି.ଆର୍. ବେହେରା, ସମ୍ପାଦକ କେ.ଟି. ଦୋରା, କୋଷାଧ୍ୟକ୍ଷ ବି. ପଦ୍ମନାଭ, ସହସମ୍ପାଦକ ପଦ୍ମନାଭ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଟେନିସ୍ କ୍ରିକେଟ୍ ଚାମ୍ପିୟନ୍‌ଶିପ୍ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍,୩।୧**



ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି ବ୍ରହ୍ମପୁର ବିଧାୟକ।

ଜିଲାସ୍ତରୀୟ ଟେନିସ୍ କ୍ରିକେଟ୍ ଚାମ୍ପିୟନ୍‌ଶିପ୍ ରୟାଲ ଷ୍ଟ୍ରାଇକସ୍ ସ୍ପୋର୍ଟ୍ସ କ୍ଲବ ଆନୁକୁଲ୍ୟରେ ରବିବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ୍ ଆସନ୍ତା ୧୦ ତାରିଖ ଯାଏ ଚାଲିବ। ଏଥିରେ ୧୬ ଟିମ୍ ଅଂଶଗ୍ରହଣ କରିଛନ୍ତି। ରବିବାର ପ୍ରଥମ ମ୍ୟାଚ୍ ଗୋଳାବନ୍ଧ ଓ କେସି୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଳାବନ୍ଧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୫୨ ରନ୍ ସଂଗ୍ରହ କରିଥିଲା। ଏହାର ପ୍ରତି ଜବାବ୍‌ରେ କେସି ୧୧ ନିର୍ଦ୍ଧାରିତ ଓଭରରେ ୧୧୦ ରନ୍ କରି ପରାସ୍ତ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଦେବା ସର୍ବାଧିକ ୭୩ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ରକ୍‌ସଖି କ୍ଲବ ନିର୍ଦ୍ଧାରିତ ଓଭରରେ ୧୦୮ ରନ୍ ସଂଗ୍ରହ କରିଥିବା ବେଳେ ରୟାଲ ଷ୍ଟ୍ରାଇକର୍ ଜୁନିଅର୍ ୨୧୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ସମରେନ୍ଦ୍ର ସାହୁ, ସଞ୍ଜୟ ବିଶୋୟୀ ପରିଚାଳନାରେ ସହଯୋଗ କରିଥିଲେ।

# ୮ରୁ ଖୋଲିବ ସ୍କୁଲ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍କଣ୍ଠା

**ବ୍ରହ୍ମପୁର ଅଫିସ,୩।୧**

ଛାତ୍ରୀଛାତ୍ରଙ୍କ ପାଇଁ ଖୁସି ଖବର ପ୍ରାୟ ୧୦ ମାସ କରୋନା ପାଇଁ ବିଦ୍ୟାଳୟ ବନ୍ଦ ରହିବା ପରେ ଆସନ୍ତା ୮ ତାରିଖରୁ ରାଜ୍ୟରେ ଖୋଲିବ ସ୍କୁଲ। ତେବେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମାଧ୍ୟମିକ ଶିକ୍ଷା ବୋର୍ଡ ଓ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେଉଥିବା ବାର୍ଷିକ ପରୀକ୍ଷା ନିମନ୍ତେ ତାରିଖ ଘୋଷଣା କରାଯାଇଛି। ମାଟ୍ରିକ ପରୀକ୍ଷା ମେ ୩ରୁ ଆରମ୍ଭ ହୋଇ ୧୫ ତାରିଖ ଯାଏ ଚାଲିବ। ଏହା ପରେ ମେ ୧୫ ରୁ ଜୁନ୍ ୧୧ ଯାଏ ଯୁକ୍ତ ୨ ପରୀକ୍ଷା ହେବ। ଦଶମ ଶ୍ରେଣୀ ପିଲାଙ୍କର ଏପ୍ରିଲ ୨୭ ତାରିଖରୁ ମେ ୧୪ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ଚାଲିବ ପରୀକ୍ଷା ପୂର୍ବରୁ ପ୍ରଥମେ ଜାନୁୟାରୀ ୮ ରୁ ଏପ୍ରିଲ ୨ ଯାଏ ଦଶମ ଓ ଜାନୁୟାରୀ ୮ ରୁ ଏପ୍ରିଲ ୨୮ ଯାଏ ଦ୍ୱାଦଶ ପିଲାଙ୍କ ପାଠପଢା ହେବ। ଏ ସମ୍ପର୍କରେ ବିଭାଗ ପକ୍ଷରୁ ମାର୍ଗ ଦର୍ଶିକା ଜାରି କରାଯାଇଛି। ତେବେ ସ୍କୁଲରେ ସାମାଜିକ ଦୂରତା ସହ ଅନେକ ନିୟମ ମାନିବାକୁ ପଡିବ। ଏ ନେଇ ଛାତ୍ରଛାତ୍ରଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

**ସେମାନେ ଯାହା କୁହନ୍ତି**

" ସରକାର ଯେଉଁ ମାର୍ଗ ଦର୍ଶିକା ଯାରି କରିଛନ୍ତି, ତାକୁ କଡାକଡି ଭାବେ ପାଳନ କରାଯିବ। କିଭଳି ଭାବେ ଛାତ୍ରୀଛାତ୍ରମାନେ ସୁରକ୍ଷିତ ଭାବେ ପାଠପଢିବେ ସେ ଉପରେ ଗୁରୁତ୍ୱ ଦିଆଯାଉଛି। ଖୋଲିବା ପୂର୍ବରୁ ଆସବାସପତ୍ର ଓ ପାଠାଗାର ସାନିଟାଇଜ୍ କରାଯିବ।

**ଅମୂଲ୍ୟ କୁମାର ପ୍ରଧାନ, ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ**

" ସରକାରଙ୍କ ଏହି ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ୩୦ ଜିଲାରେ ନୋଡାଲ ଅଫିସମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କର୍ମଚାରୀମାନେ ଠିକ୍ ଭାବେ ନିଜର କାର୍ଯ୍ୟ ତୁଲାଇବା ଦରକାର। ପିଲାମାନେ ଘରେ ରହି ବିରକ୍ତି ଭାବ ପ୍ରକାଶ କରୁଛନ୍ତି। ଅନ୍‌ଲାଇନ୍ ପିଲାମାନେ ଠିକ୍ ଭାବେ ପଢିପାରୁ ନାହାନ୍ତି।

**ରାଜେନ୍ଦ୍ର ପଣ୍ଡା, ଅଭିଭାବକ**

" ବିଦ୍ୟାଳୟ ଖୋଲିଲେ ଆମ ପାଇଁ ଭଲ। ଅନ୍‌ଲାଇନ୍ କ୍ଲାସରେ ଆମେ ଠିକ୍ ଭାବେ ପାଠ ପଢିପାରୁନୁ। ଯଦି କଟକଣା ମଧ୍ୟରେ ଖୋଲିଛି ଆମେ ମଧ୍ୟ ସମସ୍ତ ଗାଇଡ୍‌ଲାଇନ ମାନି ବିଦ୍ୟାଳୟ ଆସିବୁ। ଏହା ଏକ ଭଲ ପଦକ୍ଷେପ।

**ଶ୍ରାବଣୀ ପ୍ରିୟଦର୍ଶିନୀ ପଣ୍ଡା, ଛାତ୍ରୀ।**

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ଜାନୁୟାରୀ ୪, ୨୦୨୧

**ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗିରଫ**

ହିଞ୍ଜିଳିକାଟୁ, (ଡି.ଏନ୍.ଏ.): ହିଞ୍ଜିଳି ଥାନା ଗଣ୍ଡଲା ଗ୍ରାମରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ଭାଇ ଗ୍ରାମର ସୀମାଞ୍ଚଳ ଦାଶ ନାମକ ଯୁବକଙ୍କୁ ଦା’ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବେଲଗାଁ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୀମାଞ୍ଚଳଙ୍କ ଭାଇ ନୀଳାଞ୍ଚଳଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ ନଂ.୪୬୫/୧୨ରେ ମାମଲା ରୁଜୁ ହୋଇଥିବାବେଳେ ଅଭିଯୁକ୍ତ ଜଗନ୍ନାଥ ସାହୁଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି।



## ସଂକ୍ଷେପରେ

### ଅଟୋ-ବାଇକ୍ ଧକ୍କା, ଜଣେ ମୃତ

ଖଲ୍ଲିକୋଟ,୩।୧(ଡି.ଏନ.ଏ.)-ଖଲ୍ଲିକୋଟ ଥାନା ମଥୁରା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ରବିବାର ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଆଲୋକ ମହାରଣା (୨୪)। ତେନ୍ତୁଳିଆ ଗ୍ରାମର ଆଲୋକ ଓ ବାକୁଟ ଗାଁର କାର୍ତ୍ତିକ ନାହାକ ଏକ ବାଇକ୍‌ରେ ଖଲ୍ଲିକୋଟରୁ କୋଦାଳ ଅଭିମୁଖେ ଯାଉଥିବା ବେଳେ ସାମ୍ନାପଟୁ ଆସୁଥିବା ଟମାଟୋ ବୋଝେଇ ଡାଲା ଅଟୋ ସହ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଆରୋହୀ ଆଲୋକଙ୍କ ମୃତ୍ୟୁ ହୋଇଥିଲା। କାର୍ତ୍ତିକ ଏବଂ ଅଟୋ ଚଳାକଙ୍କୁ ଆହତ ଅବସ୍ଥାରେ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

### ପିଲାସାଲୁଙ୍କୀ ଡ୍ୟାମ ନିକଟରେ ଭୋଜି

#### ସରକାରୀ ନିୟମ ଉଲ୍ଲଂଘନ

ଖଜୁରୀପଡ଼ା/ ବଲସକୁମ୍ପା, ୩।୧(ଡି.ଏନ.ଏ.)- ଖଜୁରିପଡ଼ା ବ୍ଲକ୍ ପିଲାସାଲୁଙ୍କି ଡ୍ୟାମ୍‌ରେ ୨ ଜାନୁୟାରୀରେ ୨୦୧୯ରେ କେତେଜଣ ଯୁବତୀ ଯୁବକ ବଣଭୋଜି କରିବାକୁ ଆସି ଆହୁଲା ଡଙ୍ଗାରେ ବୁଲୁଥିବାବେଳେ ଗଭୀର ଜଳରେ ଡ଼ଙ୍ଗାଟି ବୁଡ଼ିଯାଇଥିଲା। ଫଳରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବିଗତ କିଛିବର୍ଷ ତଳେ ଜଣେ ଯୁବତୀକୁ ଏହି ଡ୍ୟାମ୍ ନିକଟକୁ ଆଣି ବଳାତ୍କାର ପରେ ହତ୍ୟା କରାଯାଇଥିଲା। ବାରମ୍ବାର ଅଘଟଣ ପରେ ପ୍ରଶାସନ ଏଠାରେ ଡ୍ୟାମ୍ ଉପରେ ଗାଡି ଚଳାଚଳ ସହ ଉଚ୍ଚସ୍ୱରରେ ଡିଜେ ବଜାଇବା, ଏଣେତେଣେ ଅଳିଆ ପକାଇବା ଆଦି ଉପରେ କଟକଣା ଜାରି କରିଥିଲା। ଏଥିସହ ସନ୍ଧ୍ୟାପୂର୍ବରୁ ଫେରିଯିବା ଓ ବଣଭୋଜି ଆଦି ଉପରେ ମଧ କଟକଣା ଜାରି କରିଥିଲା। ମାତ୍ର ରବିବାର ନିୟମ ଉଲ୍ଲଘଂନ କରି ଏଠାରେ ବହୁ ଲୋକ ଡ୍ୟାମ ଉପରେ ଗାଡିଧରି ବୁଲିବା ସହ ଭୋଜି କରିଥିଲେ। ଏପରିକି ମଦ୍ୟପାନ କରୁଥିବା ମଧ ଦେଖିବାକୁ ମିଳିଥିଲା। ଏ ନେଇ ପିଲାସାଲୁଙ୍କି ଡ୍ୟାମ୍ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ଦାସ ଏବଂ ସତ୍ୟ ସୁନ୍ଦର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଡ୍ୟାମରେ ଜଣେ ମାତ୍ର ଜଗୁଆଳି ଥିବାରୁ ଏପରି ସମସ୍ୟା ହେଉଛି। ଲୋକେ ମାନୁ ନାହାନ୍ତି। ଜିଲା ପ୍ରଶାସନ ସୁରକ୍ଷା ଯୋଗାଇଦେବା ସହିତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି।

### ଅସହାୟଙ୍କୁ ସହାୟତା ପାଇଁ ମ୍ୟୁଜିକ୍ ଚ୍ୟାନେଲ୍

ଭଞ୍ଜନଗର,୩।୧(ଡି.ଏନ୍.ଏ.)- ଭଞ୍ଜନଗର ଅଞ୍ଚଳର ନବାଗତ ଶିଶୁ କଳାକାରଙ୍କୁ ନେଇ ୟୁଟ୍ୟୁବ୍‌ରେ ମ୍ୟୁଜିକ୍ ଚ୍ୟାନେଲ ତୁ ଦିଲ୍‌ସେ ରବିବାର ରିଲିଜ୍ ହୋଇଛି। ଯୁବ କଳାକାର ମନୋଜ କୁମାରଙ୍କ ନିର୍ଦ୍ଦେଶନାରେ ଏହା ରିଲିଜ୍ ହୋଇଛି। ଏଥିରୁ ଯାହାକିଛି ଅର୍ଥ ଉପାର୍ଜିତ ହେବ ସେଥିରେ ଅସହାୟ ଲୋକଙ୍କୁ ସହାୟତା ପାଇଁ ପଦକ୍ଷେପ ନିଆଯିବ। ଏଥିସହ ଅଞ୍ଚଳର ଅନେକ ନବାଗତ କଳାକାରଙ୍କୁ ସୁଯୋଗ ଦିଆଯିବ। ଆଦିତି ଅପରାଜିତା, ଶ୍ରାବଣୀ, ଅନ୍ୱେଷା ଉକ୍ତ ଗୀତରେ ଅଭିନୟ କରୁଛନ୍ତି। ନାଟ୍ୟ ନିର୍ଦ୍ଦେଶକ ଲୋକନାଥ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# କାଗଜ କଲମରେ ଖୋଲିଦେଲେ ମଣ୍ଡି

ଭଞ୍ଜନଗର,୩।୧(ଡି.ଏନ.ଏ)



ଜଣେ ବ୍ୟବସାୟୀ ଧାନ କିଣି ନେଉଛନ୍ତି।

ଗଞ୍ଜାମ ଜିଲା ପ୍ରଶାସନ ମଣ୍ଡି ଖୋଲିବା ତାରିଖ ଧାର୍ଯ୍ୟ କରି ନିର୍ଦ୍ଦେଶନାମା ଜାରି କରିଦେଲେ। ଏହାପରେ ଯାହାକିଛି ଆବଶ୍ୟକ ଭିତ୍ତିଭୂମି ତାହା କରାଗଲା ନାହିଁ। ଗତମାସ ୧୬ ତାରିଖରୁ ଭଞ୍ଜନଗର ଅଞ୍ଚଳରେ କାଗଜ କଲମରେ ମଣ୍ଡି ଖୋଲିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମଣ୍ଡିରେ ଧାନ କିଣା ଯାଇ ପାରିନାହିଁ। ବିଭିନ୍ନ କାରଣ ଯୋଗୁ ପ୍ରଶାସନ ନିର୍ଦ୍ଧାରିତ ସମୟରେ ମିଲରମାନଙ୍କୁ ଚୟନ କରି ନପାରିବା ଯୋଗୁ ଏହି ସମସ୍ୟା ଉପୁଜିଛି। ସୋସାଇଟିରୁ କେଉଁ ମିଲର ଧାନ କିଣିନେବେ ସେନେଇ ସ୍ଥିରିକୃତ ହୋଇ ନଥିବା ଯୋଗୁ ଚାଷୀଙ୍କ ଠାରୁ ସୋସାଇଟି ଧାନ କିଣି ପାରୁନାହିଁ। ଏହିଭଳି ସମସ୍ୟା ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ସେବା ସମବାୟ ସମିତି ସହ ଅନେକ ସମିତିରେ ଦେଖିବାକୁ ମିଳିଛି।

ଯଦ୍ୱାରା ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ପାଖରେ ଟୋକନ ଅଛି କିନ୍ତୁ ଧାନ ବିକ୍ରି କରି ପାରୁନାହାନ୍ତି। ମଣ୍ଡିରେ କୁଇଣ୍ଟାଲ ପିଛା ୧୮୬୮ ଟଙ୍କାରେ ବିକ୍ରି କରିବା ବଦଳରେ ମଣ୍ଡି ଖୋଲି ନଥିବାରୁ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପିଛା ୧୨ଶହରୁ ୧୩ଶହ ଟଙ୍କାରେ ବିକୁଛନ୍ତି। ଫଳରେ ବ୍ୟବସାୟୀ ମାଲାମାଲ୍ ହେଉଛନ୍ତି। କରୋନା ଯୋଗୁ ଚାଷୀମାନଙ୍କ ଆର୍ଥିକସ୍ଥିତି ଭଲ ନଥିବା ବେଳେ ବର୍ତ୍ତମାନ ଅଭାବୀ ଧାନ ବିକ୍ରି ଚିନ୍ତା ବଢ଼ାଇଛି। ଯେଉଁ ସୋସାଇଟିର ମିଲର ଚୟନ ହେଲେଣି ସମ୍ପୃକ୍ତ ସୋସାଇଟି ଗୁଡ଼ିକ ମଧ ଠିକ୍ ଭାବେ ଧାନ କିଣୁନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଚଳିତବର୍ଷ ଭଞ୍ଜନଗର ଉପଖଣ୍ଡରେ ୧୫୨ ମଣ୍ଡି ଖୋଲିବା ବ୍ୟବସ୍ଥା କରାଯାଇଛି। ଏନେଇ ଗତମାସ ୧୬ରୁ ମଣ୍ଡି ଖୋଲିଥିଲା। ଉପଖଣ୍ଡର ୪୯ ହଜାର ୫୫ ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି।

ଏନେଇ ଗାୟଗଣ୍ଡାର ଚାଷୀ ଭାସ୍କର ଜାନି କହିଛନ୍ତି, ମଣ୍ଡିରେ ଧାନ ବିକ୍ରି ବ୍ୟବସ୍ଥା ହୋଇ ନଥିବାରୁ ବାଧ ହୋଇ ବାହାରେ କମ୍ ଦରରେ ବିକୁଛୁ। ସୋସାଇଟି ସମ୍ପାଦକ ବିରେନ ନାୟକ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୮୩୫ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଅଛି। ଶନିବାର ମିଲରମାନଙ୍କ ତାଲିକା ଆସିଛି। ସପ୍ତାହରେ ୩ଦିନ ଯଥା ସୋମବାର, ବୁଧବାର ଓ ଶୁକ୍ରବାର ଧାନ ଚାଷୀଙ୍କ ଠାରୁ କିଣାଯିବ। ତେଣୁ ଆସନ୍ତା ସୋମବାର ଧାନ କିଣାଯିବ। ୧୪୦ଜଣ ଚାଷୀଙ୍କ ପାଖକୁ ବର୍ତ୍ତମାନ ଟୋକନ ଆସିଛି।

# ଆସିକା ବନାଞ୍ଚଳରେ ବଢ଼ିଛି ପକ୍ଷୀ ସଂଖ୍ୟା

ଆସିକା,୩।୧(ଡି.ଏନ୍.ଏ.)

ଆସିକା ବନାଞ୍ଚଳରେ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ଗତବର୍ଷ ଏହି ବନାଞ୍ଚଳରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସଖ୍ୟା ୨,୭୯୪ ଥିଲା । ଚଳିତ ବର୍ଷ ଗଣତିରେ ଏହି ସଂଖ୍ୟା ବୃଦ୍ଧି ପାଇ ୨,୮୭୮ରେ ପହଞ୍ଚିଛି । ବନାଞ୍ଚଳ ଅନ୍ତର୍ଗତ ଆସିକା, ଧରାକୋଟ, ଶେରଗଡ଼ ଓ ଷଡ଼ଙ୍ଗୀପଲ୍ଲୀ ସେକ୍ସନର ୧୪ଟି ସ୍ଥାନରେ ନ କର୍ମଚାରୀଙ୍କ ଦ୍ୱାରା ପକ୍ଷୀ ଗଣତି ହୋଇଥିଲା। ଏଠାରେ ବିଶେଷ କରି ଗେଣ୍ଡାଳିଆ, ବଗ, ପାଣିକୁଆ ଓ ମାଛରଙ୍କା ପକ୍ଷୀ ଅଛନ୍ତି। ଏମାନଙ୍କ ବ୍ୟତୀତ କାନ୍ତିବଗ, ପିଲି ବୁଗୁଲି, ଛୋଟ ବଗ, ଗୋଠ ବଗୁଲି, ହଂସରାଳି, ମାଣ୍ଡିଆଖାଇ, ଡାହୁକ, ଦଳକୁମ୍ଭା, କୁଜିବାଟହଣା, ଟିଁ ଟିଆଁ, ଶଙ୍ଖଚିଲ, ଉଦଉଦଳିଆ, କଜଳପାତି, ଧଳାବଗ, କୁଣ୍ଡାଖାଇ ଓ କାଠହଣା ଆଦି ପ୍ରଜାତିର ପକ୍ଷୀ ମଧ ରହିଥିବା ଗଣତି ବେଳେ ଜଣାପଡିଛି । ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରା ରବିବାର ଅପରାହ୍ନରେ ଆସିକା ବନାଞ୍ଚଳ ଗସ୍ତ କରି ପକ୍ଷୀ ଗଣତି କାର୍ଯ୍ୟ ସମୀକ୍ଷା କରିଥିଲେ । ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନପାଳ କଳ୍ପନା କୁମାରୀ ପ୍ରଧାନ, ଦୁର୍ଗାମାଧବ ମିଶ୍ର, ଶୁଭଶ୍ରୀ ଶତପଥୀ, ଶାନ୍ତନୁ କୁମାର ନାୟକ ଏବଂ ବନରକ୍ଷୀ ସନ୍ତୋଷ କୁମାର ବେହେରା, ଶରତ କୁମାର ବେହେରା, ବିଷ୍ଣୁପ୍ରିୟା ପ୍ରଧାନଙ୍କ ସମେତ ବନ କର୍ମଚାରୀମାନେ ପକ୍ଷୀ ଗଣତି କାର୍ଯ୍ୟରେ କାର୍ଯ୍ୟରେ ସାମିଲ ଥିଲେ ।

# ଭାଜପା ପ୍ରତିନିଧି ଦଳର ଧାନମଣ୍ଡି ପରିଦର୍ଶନ



ଭାଜପାନେତା କରଡାକଣା ସମିତି ପରିଦର୍ଶନ କରୁଛନ୍ତି।

ଶେରଗଡ,୩।୧(ଡି.ଏନ୍.ଏ.)

ଭାଜପା ପକ୍ଷରୁ ପୂର୍ବତନ ରାଜ୍ୟ ସଭାପତି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ରବିବାର ଶେରଗଡ ବ୍ଲକର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି। ବ୍ଲକର ୨୨ ପଞ୍ଚାୟତରେ ୨୦ ଧାନମଣ୍ଡି ଖୋଲାଯାଇଛି। ପ୍ରତିନିଧି ଦଳ କରଡାକଣା ସମବାୟ ସମିତି ପରିଦର୍ଶନ କରିବା ସହ ବିଭିନ୍ନ ତଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ତୁରନ୍ତ ଧାନକ୍ରୟ କରି ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଦେବାକୁ ଦାବି କରିଥିଲେ। ନଚେତ୍ ସମବାୟ ସମିତି ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହାପରେ ପ୍ରତିନିଧି ମଣ୍ଡଳୀ ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ ଭେଟି ପଡିକାର୍ଡ, ଭତ୍ତା, ଆବାସ ଗୃହ, ଶ୍ରମିକ କାର୍ଡ, ସରକାରୀ ଋଣ ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ। ଏହି ସମୟରେ ବ୍ଲକ ଭାଜପା ସଭାପତି ରାମକୃଷ୍ଣ ପାତ୍ର, କୈଳାଶ ବେହେରା, ଟୁକୁନା ସାହୁ, କୃଷକ ମୋର୍ଚ୍ଚା ସଭାପତି ବୃନ୍ଦାବନ ଦାଶ, କଞ୍ଚୁରୁ ମଣ୍ଡଳ ସଭାପତି ରାମକୃଷ୍ଣ ମହାନ୍ତି, ଗଣ୍ଡଳା ମଣ୍ଡଳ ସଭାପତି ଉମାକାନ୍ତ ପାଢୀ, ଶିକିର ମଣ୍ଡଳ ସଭାପତି ରଶ୍ମିତା ବେହେରା, ପଛୁଆବର୍ଗ ସଭାପତି ସୀମାଞ୍ଚଳ ନାହାକଙ୍କ ସମେତ ବହୁ ଭାଜପା ନେତା ଯୋଗ ଦେଇଥିଲେ।

# ଟଙ୍କା ପାଇବା ପରେ ଛାଡିଥିଲେ ଅପହରଣକାରୀ

କାଶୀନଗର,୩।୧



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା, ମୋବାଇଲ ।

**ହାର୍ଦ୍ଦିକ୍ ଅପହରଣ ଘଟଣାର ପର୍ଦ୍ଦାଫାଶ୍**

- ୭ ଗିରଫ, ୨.୫ଲକ୍ଷ ଟଙ୍କା ଜବତ
- ଅନ୍‌ଲାଇନ୍‌ରୁ ମଗାଇଥିଲେ ନିଶ୍ଚେତକ

ଗଜପତି ଜିଲା କାଶୀନଗର ମର୍ଣ୍ଣିସାହିରୁ କାଜୁ ବ୍ୟବସାୟ ଯାମି ଗୋପୀଙ୍କ ୭ ବର୍ଷର ପୁଅ ହାର୍ଦ୍ଦିକଙ୍କୁ ଡିସେମ୍ବର ୧୬ରେ ଅପହରଣ କରାଯାଇଥିଲା। ଅପହରଣର ପ୍ରାୟ ୪୦ଘଣ୍ଟା ପରେ ସହରଠାରୁ ପ୍ରାୟ ୩କିଲୋମିଟର ଦୂର କଇଁଠପଦରସ୍ଥିତ ତାଙ୍କର ଏକ ନିର୍ମାଣାଧୀନ ଗୋଦାମ ଗୃହରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ରବିବାର ଏହି ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଘଟଣାରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରିବା ସହ ଜଣେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ହୋମ୍‌କୁ ପଠାଇଛି।

ଏନେଇ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ରବିବାର କାଶୀନଗରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଟଙ୍କା ପାଇଁ ହାର୍ଦ୍ଦିକଙ୍କୁ ଅପହରଣ କରାଯାଇଥିଲା। ମୁଖ୍ୟଅଭିଯୁକ୍ତ ୩ଜଣ କାଶୀନଗର ଅଞ୍ଚଳର। ସେମାନେ ହେଲେ କାରିମି ଚୈତନ୍ୟ, ଗୁନାପୁ କଲ୍ୟାଣ କୁମାର ଓ ଅନ୍ୟଜଣେ ନାବାଳକ। ଅନ୍ୟ ୫ ସହଯୋଗୀ ହେଲେ କାଶୀନଗର ଶିଆଳି ପଞ୍ଚାୟତର ପ୍ରଶାନ୍ତ ଲିମା, ବିନୋଦ ଲିମା, ରବି ମାଛ, ଯାକବ ମିଶଲ ଓ ପୂର୍ଣ୍ଣଚନ୍ଦ୍ର ସୌରା। ନଂ.୧୨୨/୨୦ରେ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ ଜୁଭେନାଇଲ୍ ହୋମ୍‌କୁ ପଠାଇଦିଆଯାଇଛି। ମୁଖ୍ୟ ଅଭିଯୁକ୍ତ ବାଇକ୍‌ରେ ହାର୍ଦ୍ଦିକ୍‌ଙ୍କୁ ବସାଇ ନିଶ୍ଚେତକ ଶୁଙ୍ଘାଇ ଅପହରଣ କରିନେଇଥିଲେ। ଅନ୍‌ଲାଇନ୍ ସପିଂ ସାଇଟ୍‌ରୁ ସେମାନେ ଏହି ନିଶ୍ଚେତକ କିଣିଥିଲେ। ଅପହରଣ ପରେ ମୁଣ୍ଡ ଜାମିନ ରଖି ୫୦ଲକ୍ଷ ଟଙ୍କା ଦାବି କରିଥିଲେ। ପରେ ୭.୫ ଲକ୍ଷ ଟଙ୍କାରେ କଥା ଛିଡ଼ିଥିଲା। ଟଙ୍କା ହରିପୁର ନିକଟ ଜଙ୍ଗଲରେ ରଖିବା ପରେ ସେମାନେ ହାର୍ଦ୍ଦିକ୍‌ଙ୍କୁ ଛାଡି ଦେଇଥିଲେ। ଉକ୍ତ ଟଙ୍କାରେ ସେମାନେ ଏକ କାର୍ କିଣିଥିଲେ। ପୋଲିସ ସେମାନଙ୍କ ଠାରୁ ୨ଲକ୍ଷ ୨୧ହଜାର ୨୦୦ଟଙ୍କା, କାର ସହିତ ୫ ବାଇକ , ୮ ମୋବାଇଲ, ୨ଟି ନିଶ୍ଚେତକ ଶିଶି ଜବତ କରିଛି। ଘଟଣାର ପର୍ଦ୍ଦାଫାସ ପାଇଁ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ଗଠନ କରାଯାଇଥିଲା। ଏଥିରେ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ସୀତାରାମ ଶତପଥୀ, ଏସ୍‌ଡିପିଓ ରାମକୃଷ୍ଣ ପତି, ପାରଳାଖେମୁଣ୍ଡି ଆଇଆଇସି ବିବେକାନନ୍ଦ ସ୍ୱାଇଁ ଓ କାଶୀନଗର ଆଇଆଇସି ସୁଶାନ୍ତ କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୧୦୮ ଆମ୍ବୁଲାନ୍ସ ଉଦ୍‌ଘାଟିତ

ବେଗୁନିଆପଡ଼ା,୩।୧(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ବେଗୁନିଆପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ନୂତନ ୧୦୮ ଆମ୍ବୁଲାନ୍ସର ଶୁଭ ଉଦ୍‌ଘାଟନ କରିଛନ୍ତି। ବେଗୁନିଆପଡା ଫାଣ୍ଡି ଅଧୀନରେ ୧୬ ଟି ପଞ୍ଚାୟତ ରହିଥିବା ବେଳେ ୧୦୮ ଆମ୍ବୁଲାନ୍ସର ସୁବିଧା ନ ଥିଲା। ଏଥିପାଇଁ ସ୍ଥାନୀୟବାସୀ କୋଦଳା ଓ ଖଲ୍ଲିକୋଟ ଉପରେ ନିର୍ଭର କରୁଥିଲେ। ଆମ୍ବୁଲାନ୍ସ ସେବା ମିଳିବା ଫଳରେ ବହୁ ଦିନର ଅଭିଳାଷ ପୂର୍ଣ୍ଣ ହେଲା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଉଦଘାଟନୀ ଉତ୍ସବରେ ବିଡିଓ ବେଦବର ପ୍ରଧାନ, ଧର୍ମଶାଳା ଏନ୍‌ଏସି ଅଧକ୍ଷା ହୀରା ବାଗ, ବିଜେଡି ବ୍ଲକ ସଭାପତି ବିଜୟ କୁମାର ଦୋରା, ଡାକ୍ତର ସଞ୍ଜୟ ସାହୁ ଓ ଆଦିତ୍ୟ ପ୍ରସାଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରତିନିଧି ତ୍ରିନାଥ ଭୂଆଁ, ସରପଞ୍ଚ ଅରୁଣ କୁମାର ମାଝୀଙ୍କ ସମେତ ଅନେକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଷ ନଷ୍ଟ

ଆର.ଉଦୟଗିରି,୩।୧(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ କୁମ୍ଭୀସାହି ଗ୍ରାମରେ ୨୧ ହେକ୍ଟର ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ଶନିବାର ଅବକାରୀ, ବନବିଭାଗ, ରାଜସ୍ୱ ଓ ପୋଲିସ ବିଭାଗ ତରଫରୁ କାଟି ନଷ୍ଟ କରାଯାଇଛି। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୨/୨୧ରେ ମାମଲା ରୁଜୁ ହୋଇଛି।

## ଧାନଗଦା ଜଳିଗଲା

ପାତ୍ରପୁର,୩।୧(ଡି.ଏନ.ଏ.)

ପାତ୍ରପୁର ବଡଖତାଡିଠାରେ ରବିବାର ଏକ ଧାନଗଦାରେ ନିଆଁ ଲାଗିଯିବାରୁ ବିଶ୍ୱନାଥ ବେହେରା ଓ ମଦନ ମୋହନ ଜେନାଙ୍କ ୧୦ ଭରଣ ଜମିର ଧାନ କଳେଇ ଓ ଧାନ ବସ୍ତା ଜଳିଯାଇଛି। ଖବର ପାଇ ପାତ୍ରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି କାଣ୍ଡର କାରଣ ଜଣା ପଡିନଥିବା ବେଳେ କେହି ଦୁର୍ବୃତ୍ତ ଆକ୍ରୋଶ ମୂଳକ ଭାବେ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

# ଖୋଲିଲା ବୁଦ୍ଧ ମନ୍ଦିର



ବୁଦ୍ଧ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ।

ଆର.ଉଦୟଗିରି,୩।୧(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରିଠାରେ ପ୍ରସିଦ୍ଧ ବୁଦ୍ଧ ମନ୍ଦିର ନୂତନ ବର୍ଷ ଅବସରରେ ଖୋଲାଯାଇଛି। କରୋନା କଟକଣା ଲାଗି ଦୀର୍ଘ ୯ ମାସଧରି ମନ୍ଦିର ବନ୍ଦ ଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ଏହାକୁ ଖୋଲାଯାଇଛି। ମନ୍ଦିର ଖୋଲିବା ପରେ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଏଠାକାର ସୁନ୍ଦର କାରୁକାର୍ଯ୍ୟ ଓ ମନଲୋଭା କୀର୍ତ୍ତିରାଜି ପର୍ଯ୍ୟଟକଙ୍କୁ ଆକର୍ଷଣ କରିପାରୁଥିବାରୁ ପ୍ରତ୍ୟେକ ସମୟରେ ଜନଗହଳି ଥାଏ। ପ୍ରଶାସନ ପକ୍ଷରୁ ଗତ ଅକ୍ଟୋବରରେ ମନ୍ଦିର ଖୋଲିବାକୁ ଅନୁମତି ମିଳିଥିଲେ ମଧ କରୋନା ଯୋଗୁ ମନ୍ଦିରକୁ ପ୍ରବେଶ ବନ୍ଦ କରାଯାଇଥିଲା। କିନ୍ତୁ କମିଟିର ନିର୍ଦ୍ଦେଶ ପ୍ରକାରେ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷାକରି ୨୦ରୁ ୨୫ଜଣ ପର୍ଯ୍ୟଟକଙ୍କୁ ମନ୍ଦିରକୁ ପ୍ରବେଶର ଅନୁମତି ଦିଆଯାଇଛି।

# ପୌର ପରିଷଦର ସ୍ୱଚ୍ଛତା ସଚେତନତା



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି।

ହିଞ୍ଜିଳିକାଟୁ,୩।୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ରବିବାର ୱାର୍ଡ଼ ନଂ.୧୬ ମାଣିକନଗରଠାରେ ସ୍ୱଚ୍ଛତା ସଚେତନତା ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୌର ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ ସଂଯୋଜନା କରିଥିଲେ। ଅତିଥି ଭାବେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ଥାନା ଅଧିକାରୀ ଅଭିମନ୍ୟୁ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ପରିବେଶ ଓ ସହରକୁ ସ୍ୱଚ୍ଛ ରଖିବା ନିମନ୍ତେ ବିଭିନ୍ନ ଉପାଦେୟ ସୂଚନା ପ୍ରଦାନ କରାଯାଇଥିଲା। ଘରକୁ ଘର ବୁଲି ସଂଗ୍ରହ ହେଉଥିବା ଆବର୍ଜନା ଗାଡ଼ିରେ ଅଲଗା କରି ପ୍ରଦାନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ଜରିମାନା ଓ ପୁରସ୍କାର ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏଥିରେ ବିଭିନ୍ନ ୱାର୍ଡ଼ର ୱାର୍ଡ଼ କମିଟି, ଏସଏଚ୍‌ଜି ମହିଳା ଗ୍ରୁପ୍ ସଦସ୍ୟା, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ଯୋଗଦେବା ସହ ସ୍ୱଚ୍ଛତା ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସ୍ୱଚ୍ଛତା ବିଷୟବସ୍ତୁକୁ ନେଇ ଛାତ୍ରୀଛାତ୍ର ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।

# ଖବରକାଗଜ ବିତରକ ସଂଘର ବନ୍ଧୁମିଳନ



ବିତରକ ସଂଘର କର୍ମକର୍ତ୍ତାମାନେ।

ଭଞ୍ଜନଗର,୩।୧(ଡି.ଏନ୍.ଏ.)

ଭଞ୍ଜନଗର ମା’ ସୋରାଦେବୀ ଖବର କାଗଜ ବିତରକ ସଂଘ ପକ୍ଷରୁ ରବିବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରବୀନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଉପଦେଷ୍ଟା ସୀମାଞ୍ଚଳ ପାଲ, କିଶୋର ଚନ୍ଦ୍ର ପଣ୍ଡା, ମନୋଜ କୁମାର କର, ସମ୍ପାଦକ ରଞ୍ଜନ ନାୟକ, ପବନା ନାୟକ, ବସନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଖବରଦାତା ଲୋକନାଥ କର, ବାବୁଲା ପ୍ରଧାନ, ଶିବୁ ଜେନା, ରବୀନ୍ଦ୍ର ପାତ୍ର ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ବିଜୟ ପତି, ସୁବ୍ରତ ଷଡ଼ଙ୍ଗୀ, ଟୁନା ସାହୁ, ପ୍ରତାପ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ପ୍ରବୋଧ ମହାପାତ୍ର, ହାଡ୍ଡୁବନ୍ଧୁ ବେହେରା, ବୁଲୁ ବେହେରା, ପ୍ରଭାତ ନନ୍ଦ, ଆଶିଷ ପ୍ରଧାନ, ଭାସ୍କର ଦିହୁଡ଼ି, ବାବୁଲି ଦିହୁଡ଼ି, ଶରତ ନାଇକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଅଧାରେ ଅଟକିଛି ଆବାସ ବିଲ୍

**ସରକାରୀ ଜାଗାରେ ଘର ହୋଇଥିବାରୁ ମିଳୁନି**

ଫୁଲବାଣୀ ଅଫିସ, ୩।୧



ଅର୍ଦ୍ଧନିର୍ମିତ ଆବାସ ଘର ସମ୍ମୁଖରେ ଜଣେ ହିତାଧିକାରୀ।

କନ୍ଧମାଳ ଜିଲା ଟିକାବାଲି ବ୍ଲକରେ ହିତାଧିକାରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ଘର ଅଧା କରିଥିଲେ ମଧ ଟଙ୍କା ମିଳୁନି। ବସଷ୍ଟାଣ୍ଡ ସ୍ଥିତ ହାଟପଦାରେ ରହୁଥିବା ବାସନ୍ତି ନାୟକ, ଆରତି ନାୟକ, ଝରଣା ଦିଗାଳ, ଝରଣା ନାୟକଙ୍କ କ୍ଷେତ୍ରରେ ଏଭଳି ଘଟିଛି।

ମିଳିଥିବା ସୂଚନା ଅନୁସାରେ ଗତ ତିତ୍‌ଲି ବାତ୍ୟାରେ ଏସବୁ ହିତାଧିକାରୀଙ୍କ ଘର ଭାଙ୍ଗି ଯାଇଥିଲା। ସେତେବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କୁ ପାଲ ଓ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ୨୦୧୮ ଏପ୍ରିଲରେ ଆବାସ ଯୋଜନାରେ ସେମାନଙ୍କୁ ଘର କରିବାକୁ କାର୍ଯ୍ୟାଦେଶ ଦିଆ ଯାଇଥିଲା। ହିତାଧିକାରୀମାନେ ଟିକାବାଲି ହାଟପଦାରେ ଘର ନିର୍ମାଣ ଆରମ୍ଭ କରିଥିଲେ। କାମ ଅଧା ପାଖା ପାଖି ହେବା ପରେ ବିଲ୍ ପାଇଁ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କାହିଁକି ସରକାରୀ ଜାଗାରେ ଘର କରିଛ ବୋଲି ବିଡ଼ିଓ କହିବା ସହ ବିଲ୍ ଦେଇ ନ ଥିଲେ । ଯାହା ଫଳରେ ଅଧାରେ ଅଟକିଛି ଆବାସ ଘର। ଘର ନ ଥିବାରୁ ସେମାନେ ଭଙ୍ଗା କୁଡ଼ିଆ ଓ ପରଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି।

ପ୍ରଶ୍ନ ଉଠୁଛି ଯଦି ଏମାନଙ୍କର ପଟ୍ଟା ଯାଗା ନ ଥିଲା, ତେବେ କିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଗଲା। ଏ ସମ୍ପର୍କରେ ବିଡ଼ିଓ ଫକିର ଚରଣ ପରିଡ଼ାଙ୍କୁ ପଚାରିବାରୁ ପୂର୍ବରୁ ଥିବା ବିଡ଼ିଓ କାର୍ଯ୍ୟାଦେଶ ଦେଇଛନ୍ତି, ହିତାଧିକାରୀ ଘର ଅଧା କରି ଦେଇଛନ୍ତି। ଘଟଣା ମୋ ନଜରକୁ ଆସିବାରୁ ମୁଁ ଦ୍ୱିତୀୟ କିସ୍ତି ଟଙ୍କା ବନ୍ଦ କରି ରାଜ୍ୟ ସରକାରଙ୍କୁ ଜଣାଇବା ସହ ସ୍ପଷ୍ଟିକରଣ ମାଗିଛି। ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ କାର୍ଯ୍ୟ କରାଯିବ।

